بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨ ଅକ୍ଟୋବର ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ଭରସା କରିବା ପରିପ୍ରେକ୍ଷୀରେ ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କର ପବିତ୍ର ଓ ଆଦର୍ଶମୟ ଜୀବନୀ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ହଜରତ ମସିହ ମଉଦ[ଅ.ସ]ଙ୍କର ପ୍ରାରମ୍ଭିକ ଜୀବନରୁ ହିଁ ଅଲ୍ଲାଃତାଲାଙ୍କର କୃପା, ହୁଜୁର[ଅ.ସ]ଙ୍କ ସହିତ ତାଙ୍କର ବ୍ୟବହାର ଓ ଆପଣଙ୍କର ଈଶ୍ୱରଙ୍କ ଉପରେ ଯେଉଁ ବିଶ୍ୱାସ ଥିଲା, ତାହାର ଚର୍ଚ୍ଚା କରି ହଜରତ ମସିହ ମଉଦ[ଅ.ସ] ସ୍ୱୟଂ କୁହନ୍ତି; ତିରିଶ ବର୍ଷ ପୂର୍ବେ ମୋର ପିତାଶ୍ରୀ ନିଜ ଶେଷ ବୟସରେ ଅସୁସ୍ଥ ହୋଇପଡିଲେ, ଯେଉଁଥିରେ ତାଙ୍କର ମୃତ୍ୟୁ ନିର୍ଦ୍ଧାରିତ ଥିଲା । ସେହିଦିନ ଦ୍ୱିପ୍ରହର ସମୟରେ ଏହି ଦୈବିବାଣୀ ହେଲା, **ୱସ୍‌ସମାଇ ଓତ୍‌ତାରିକ୍** ଯାହାର ଅର୍ଥ ହେଉଛି ଆକାଶର ଶପଥ ଓ ସେହି ଦୁର୍ଘଟଣାର ଶପଥ ଯାହା ସୂର୍ଯ୍ୟାସ୍ତ ସମୟରେ ଘଟିବ । ତାହା ସହିତ ହିଁ ମନରେ ଏହି କଥା ଉତ୍ପନ୍ନ ହେଲା ଯେ ଏହା ତାଙ୍କର ମୃତ୍ୟୁ ଆଡ଼କୁ ଇଙ୍ଗିତ କରାଯାଇଛି । ଏହା ପ୍ରକୃତରେ ଅଲ୍ଲାଃତାଲାଙ୍କର ନିକଟରୁ ଏକ ସାନ୍ତ୍ୱନା ଥିଲା ।

ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ଯେତେବେଳେ ମୋତେ ଏହି ଖବର ଦିଆଗଲା ସେତେବେଳେ ମୋତେ କିଛି ଦୁଃଖ ପହଞ୍ଚିଲା । କାରଣ ପିତାଶ୍ରୀଙ୍କୁ ତାଙ୍କ ଜୀବନ କାଳରେ ସରକାରଙ୍କ ତରଫରୁ କିଛି ଅଧିକାର ପ୍ରାପ୍ତ ଥିଲା, ଅତଏବ ମନରେ ଏହି ଭୟ ଜାତ ହେଲା ଯେ ଏବେ ଆମ ଉପରେ କଷ୍ଟ ଓ ଅଭାବର ଦିନ ଆସିବ । ଠିକ୍ ସେହି ସମୟରେ ହିଁ ନିଦ୍ରା ଅବସ୍ଥା (ଅର୍ଦ୍ଧଚେତନ)ରେ ଏହି ଦୈବିବାଣୀ ହେଲା أَلَيْسَ اللّٰهُ بِكَافٍ عَبْدَهٗ ଅର୍ଥାତ୍ କ'ଣ ଅଲ୍ଲାଃ ନିଜ ଭକ୍ତଙ୍କ ପାଇଁ ଯଥେଷ୍ଟ ନୁହନ୍ତି ? ଏହି ଐଶୀ ପ୍ରେରଣା ସହିତ ମନରେ ଏପରି ବଳବାନ ହୋଇଗଲା, ଯେପରି କୌଣସି ଅତ୍ୟନ୍ତ ଯନ୍ତ୍ରଣାଦାୟକ ଆଘାତରେ ମଲମ ଲଗାଇବା ଦ୍ୱାରା ଭଲ ହୋଇଯାଏ । ଏହି କଥା ବାରମ୍ବାର ପରୀକ୍ଷିତ ଯେ ଐଶୀବାଣୀରେ ମନକୁ ସାନ୍ତ୍ୱନା ଦେବାର ଏକ ବିଶେଷ ଗୁଣ ରହିଛି । ଅର୍ଥାତ୍ ହୁଜୁର[ଅ.ସ]ଙ୍କର ଏହି ବିଶ୍ୱାସ ଥିଲା ଯେ ଅଲ୍ଲାଃତାଲା ଯଥେଷ୍ଟ ଓ କୌଣସି ଜିନିଷ ପାଇଁ ଚିନ୍ତା କରିବାର ଆବଶ୍ୟକତା ନାହିଁ ।

ହୁଜୁର[ଅ.ସ] କୁହନ୍ତି; ଯେତେବେଳେ ମୋତେ ଏହି ଦୈବିବାଣୀ ହେଲା ସେତେବେଳେ ମୁଁ ତୁରନ୍ତ ବୁଝିଗଲି ଈଶ୍ୱର ମୋତେ ନଷ୍ଟ ହେବାକୁ ଦେବେ ନାହିଁ । ତା'ପରେ ମୁଁ କାଦିୟାନର ଜଣେ ହିନ୍ଦୁ କ୍ଷେତ୍ରୀ ଅଧିବାସୀ ମଲ୍ଲାଃ ୱମଲ୍‌ଙ୍କୁ ଏହି ଦୈବିବାଣୀ ଉଲ୍ଲେଖ କରି ଦେଲି ଏବଂ ଏହି ସମସ୍ତ ଘଟଣା ତାଙ୍କୁ ଶୁଣାଇଲି । ଆଉ ତାଙ୍କୁ ତୁରନ୍ତ ଅମୃତସର ପଠାଇଲି । ଯେପରି ସେ ମୁହମ୍ମଦ ଶରିଫ୍ କଲାନୁରୀଙ୍କ ମାଧ୍ୟମରେ କୌଣସି ରତ୍ନରେ ଖୋଦାଇ ଏକ ମୋହର (ମୁଦି) ତିଆରି କରି ଆଣିବେ । ମୁଁ ସେହି ହିନ୍ଦୁଙ୍କୁ ପ୍ରସ୍ତୁତ କଲି ଯେପରି ସେ ସାକ୍ଷୀ ରୁହନ୍ତୁ ଓ ମୌଲବୀ ମୁହମ୍ମଦ ଶରିଫ୍ ମଧ୍ୟ ସାକ୍ଷୀ ହୋଇଯିବେ । ଫଳସ୍ୱରୂପ ମୌଲବୀ ସାହେବଙ୍କ ମାଧ୍ୟମରେ ଏହି ମୁଦି ମୋଟ ୫ଟଙ୍କାରେ ତିଆରି ହୋଇ ମୋ ପାଖରେ ପହଞ୍ଚିଗଲା । ଆଉ ଏପର୍ଯ୍ୟନ୍ତ ତାହା ମୋ ପାଖରେ ମହଜୁଦ ଅଛି ।

ହୁଜୁର[ଅ.ସ] କୁହନ୍ତି; ଅଲ୍ଲାଃଙ୍କ କୃପାରୁ ଏହା ଏଯାବତ ଚାଲି ଆସୁଛି ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ହୁଜୁର[ଅ.ସ]ଙ୍କର ଅଲ୍ଲାଃଙ୍କ ଉପରେ ବିଶ୍ୱାସ ଓ ସତ୍ୟ ଉପରେ ଦୃଢ଼ ରହିବା କଥାକୁ ଅଣଅହମଦିମାନେ ମଧ୍ୟ ସ୍ୱୀକାର କରୁଥିଲେ । ମଲକ୍ ସଲାହୁଦ୍ଦୀନ ସାହେବ ବର୍ଣ୍ଣନା କରନ୍ତି, ଜଣେ ବ୍ୟକ୍ତି ଗୋଟିଏ ସଭାରେ ହଜରତ ମସିହ ମଉଦ[ଅ.ସ]ଙ୍କର ବିରୋଧ କରିବା ଆରମ୍ଭ କଲା । ସେତେବେଳେ ମୌଲବୀ ଫଜଲଦ୍ଦୀନ ସାହେବ ଯିଏ ଜଣେ ଅଣଅହମଦୀ ଓକିଲ ଥିଲେ ଏବଂ ହତ୍ୟା ଉଦ୍ୟମ ମାମଲାରେ ହୁଜୁରଙ୍କ ଓକିଲ ଥିଲେ, ସେ ଅତ୍ୟନ୍ତ ଉତ୍ସାହର ସହ କହିଲେ; ମୁଁ ମିର୍ଜା ସାହେବଙ୍କ ମହାନ ବ୍ୟକ୍ତିତ୍ୱ ଓ ନୈତିକତାର ପ୍ରଶଂସକ । ମୁଁ ବହୁତ ବଡ ବଡ ସାଧୁସନ୍ଥ ଦେଖିଛି । ଯେଉଁମାନେ ଆଇନଗତ ପରାମର୍ଶରେ ନିଜ ବୟାନ ବଦଳାଇ ଦିଅନ୍ତି, କିନ୍ତୁ ହୁଜୁର[ଅ.ସ]ଙ୍କୁ ଏପରି ପାଇଲି ଯିଏ ସତ୍ୟର ସ୍ଥାନରୁ ଗୋଟିଏ ପାଦ ମଧ୍ୟ ହଟାଇ ନାହାନ୍ତି । ମୁଁ ମାର୍ଟିନ କ୍ଲାର୍କ ମାମଲାରେ ତାଙ୍କୁ ଏକ ଆଇନଗତ ବୟାନ ପ୍ରସ୍ତାବ ଦେଇଥିଲି ଏବଂ କହିଥିଲି ଯେ ଅଭିଯୁକ୍ତଙ୍କ ବୟାନ ଶପଥପୂର୍ଣ୍ଣ ହୋଇ ନଥାଏ । ମିର୍ଜା ସାହେବ ବୟାନ ପଢ଼ି କହିଲେ; ଏଥିରେ ମିଛ ରହିଛି । ଅଲ୍ଲାଃତାଲା ତ ଅଭିଯୁକ୍ତକୁ ମିଛ କହିବାକୁ ଅନୁମତି ଦେଇ ନାହାନ୍ତି । ତହୁଁ ମୁଁ କହିଲି; ଆପଣ କାହିଁକି ଜାଣିଶୁଣି ନିଜକୁ ବିପଦରେ ପକାଉଛନ୍ତି ? କିନ୍ତୁ ହଜରତ ମସିହ ମଉଦ[ଅ.ସ] କହିଲେ; ମୁଁ ଏହି ଆଇନଗତ ବୟାନ ଦେଇ ଅନୁଚିତ ଫାଇଦା ଉଠାଇବା ପାଇଁ ନିଜ ଈଶ୍ୱରଙ୍କୁ ଅତିଷ୍ଟ କରିଦେବି ? ଏହା କଦାପି ସମ୍ଭବ ନୁହେଁ, ତେଣିକି ଯାହା ବି ହେଉ । ସେ କହନ୍ତି, ହୁଜୁର[ଅ.ସ] କହିଲେ; **ମୁଁ କଦାପି ଏହି ଭାବନା ମଧ୍ୟ ରଖି ନାହିଁ ଯେ ଆପଣଙ୍କ ଓକିଲାତିରୁ ମୋତେ ଫାଇଦା ହେବ** । ମୋ ଭରସା ତ ଈଶ୍ୱରଙ୍କ ଉପରେ ଅଛି ଯିଏ ମୋ ଅନ୍ତରକୁ ଦେଖୁଛନ୍ତି ଓ ମୁଁ ତାଙ୍କରି ଉପରେ ହିଁ **ତଓ୍ୱକୁଲ୍** (ଭରସା) କରେ । ହଜରତ ମସିହ ମଉଦ[ଅ.ସ] କହିଲେ; ମୋର ବୟାନ ଆପଣଙ୍କ ଏହି ଆଇନଗତ ବୟାନ ଅପେକ୍ଷା ଅଧିକ ପ୍ରଭାବଶାଳୀ ହେବ । ତେଣିକି ଦଣ୍ଡ ମିଳିଯାଉ, କିନ୍ତୁ ମୁଁ ଖୁସି ହେବି ଯେ ମୁଁ ଈଶ୍ୱରଙ୍କ ଅବଜ୍ଞା କରି ନାହିଁ । ଆଶ୍ଚର୍ଯ୍ୟର କଥା ଯେ ଆପଣ ଦୋଷମୁକ୍ତ ହୋଇ ଖଲାସ ହୋଇଗଲେ । ମହାଭାଗ କହିଲେ; ଓକିଲାତି ତ ଏକ ସାଂସାରିକ ଜିନିଷ, କିନ୍ତୁ ବିଶ୍ୱାସ ଓ ଭରସା କେବଳ ଅଲ୍ଲାଃଙ୍କ ଉପରେ ହିଁ କରିବା ଉଚିତ୍ । ଏହି ଅଣଅହମଦି ମଧ୍ୟ ଏହା ଦ୍ୱାରା ପ୍ରଭାବିତ ନହୋଇ ରହିପାରିଲେ ନାହିଁ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମୁଫ୍‌ତୀ ମୁହମ୍ମଦ ସାଦିକ୍ ସାହେବ[ର.ଅ] ବର୍ଣ୍ଣନା କରନ୍ତି, ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଆଜିକାଲି ଲୋକମାନଙ୍କ ନିକଟରେ ସଭ୍ୟତା ହେଉଛି ସଂସାରର କୀଟ ପାଲଟିଯିବା ଏବଂ ଈଶ୍ୱରଙ୍କୁ ଭୁଲିଯିବା ଓ ବାହ୍ୟ ସାଧନଗୁଡ଼ିକର ପୂଜା କରିବାରେ ଲିପ୍ତ ରହିବା । କିନ୍ତୁ ଅଲ୍ଲାଃତାଲାଙ୍କ ନିକଟରେ ସଭ୍ୟତା ହେଉଛି, ତାଙ୍କ ଉପରେ ପୂର୍ଣ୍ଣ ଭରସା କରିବା ଓ ହୃଦୟକୁ ସତ୍ୟ ପବିତ୍ରତା ହାସଲ ହେବା । ଗୋଟିଏ ସଭାରେ କିଛି ରୋଗ ବିଷୟରେ ଆଲୋଚନା ହେଉଥିଲା ହୁଜୁର[ଅ.ସ] କହିଲେ; ରୋଗଗୁଡ଼ିକରୁ ପ୍ରାର୍ଥନା ମାଧ୍ୟମରେ ଆରୋଗ୍ୟ ଲାଭ କରିବା ସମ୍ପର୍କରେ ମୋର ଧର୍ମ ଯେତିକି ମୋ ମନରେ ଅଛି, ମୁଁ ତାହା ପ୍ରକାଶ କରିପାରିବି ନାହିଁ । ଡ଼ାକ୍ତର, ବୈଦ୍ୟ ଏକ ସୀମା ପର୍ଯ୍ୟନ୍ତ ଉଦ୍ୟମ କରି ନିରାଶ ହୋଇଯାଆନ୍ତି । ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଧିକାଂଶ ଲୋକ ଚିଠି ଲେଖନ୍ତି ଯେ ଡ଼ାକ୍ତର ଜବାବ୍ ଦେଇ ସାରିଛନ୍ତି । କିନ୍ତୁ ତା ଆଗକୁ ଈଶ୍ୱର ପ୍ରାର୍ଥନା ମାଧ୍ୟମରେ ବାଟ ଖୋଲି ଦିଅନ୍ତି । ଯେଉଁ ସୀମାଗୁଡ଼ିକ ଲୋକମାନେ ନିର୍ଦ୍ଧାରଣ କରିଛନ୍ତି; ତା'ଠାରୁ ଆଗକୁ ବଢ଼ି ଆଶା ସୃଷ୍ଟି ହୁଏ ଏବଂ ଏହିପରି ଭାବେ ଅଲ୍ଲାଃତାଲାଙ୍କର ପରିଚୟ ଆରମ୍ଭ ହୁଏ । ହୁଜୁର[ଅ.ସ] କହିଛନ୍ତି; ଆମର ଧର୍ମ ତ ଏହା ଯେ ଯଦି ପୃଥିବୀର ସମସ୍ତ ଡ଼ାକ୍ତର ନିରାଶ ହୋଇଯାଆନ୍ତି ଓ ମୃତ୍ୟୁର ଫଇସଲା ଶୁଣାଇ ଦିଅନ୍ତି ତେବେ ସୁଦ୍ଧା ଯଦି ଯଥେଷ୍ଟ ଧ୍ୟାନ ଓ ଏକାଗ୍ରଚିତ୍ତର ସହ ପ୍ରାର୍ଥନା କରାଯାଏ ତାହା ଗ୍ରହଣ ହୋଇ ଆରୋଗ୍ୟ ମିଳିଥାଏ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମୌଲବୀ ଅବ୍ଦୁଲ୍ କରୀମ୍ ସାହେବ ସିଆଲକୋଟୀ[ର.ଅ]ଙ୍କ ଅସୁସ୍ଥତା ସନ୍ଦର୍ଭରେ ଶେଖ୍ ଯାକୁବ୍ ଅଲୀ ଇରଫାନୀ ସାହେବ[ର.ଅ] ହଜରତ ମସିହ ମଉଦ[ଅ.ସ]ଙ୍କ ଈଶ୍ୱର-ବିଶ୍ୱାସର

ବର୍ଣ୍ଣନା କରନ୍ତି, ମୌଲବୀ ସାହେବଙ୍କ ରୋଗ ସମୟରେ ହଜରତ ସାହେବ ନିଜର ଅତୁଳନୀୟ ପ୍ରେମ, ତ୍ୟାଗ ଓ ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସାର ଏପରି ଏକ ଉଦାହରଣ ଦେଖାଇଲେ, ଯାହା ଜଣେ ବିବେକବାନ ବ୍ୟକ୍ତି ପାଇଁ ହଜରତ ମସିହ ମଉଦ[ଅ.ସ] ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ହୋଇଥିବାର ଓ ଈଶ୍ୱରଙ୍କ ସହ ତାଙ୍କର ସତ୍ୟ ସମ୍ପର୍କ ଥିବାର ଯଥେଷ୍ଟ ପ୍ରମାଣ । ଆଉ ଏହି କଥାର ବି ପ୍ରମାଣ ଯେ ଯଦି କେହି **ଉମ୍ମତ୍** (ସମ୍ପ୍ରଦାୟ)ରେ ରସୁଲୁଲ୍ଲାଃ[ସ.ଅ]ଙ୍କର ଉଦାହରଣ ଦେଖିବାକୁ ଚାହେଁ ତେବେ ହଜରତ ମସିହ ମଉଦ[ଅ.ସ]ଙ୍କ ବ୍ୟତୀତ ଆଜି ସମଗ୍ର ପୃଥିବୀରେ ଅନ୍ୟ କେହି ନାହାନ୍ତି । ହଜରତ ମସିହ ମଉଦ[ଅ.ସ] ଶେଷ ସମୟ ପର୍ଯ୍ୟନ୍ତ ପ୍ରାର୍ଥନା କରୁଥିଲେ, କିନ୍ତୁ ଯେତେବେଳେ ନିର୍ଦ୍ଧାରିତ ବେଳା ଆସିଗଲା ସେତେବେଳେ ସେ ଅଲ୍ଲାଃଙ୍କ ଇଚ୍ଛାରେ ରାଜି ହୋଇଗଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଭରସା କରିବା ଏହିକି ଯେ ଯେଉଁସବୁ ସାଧନ ଓ ଉପାୟ ଅଲ୍ଲାଃତାଲା ଉପଲବ୍ଧ କରିଛନ୍ତି, ସେଗୁଡ଼ିକୁ ଯଥାସମ୍ଭବ ଏକାଠି କର ଓ ତା'ପରେ ନିଜେ ପ୍ରାର୍ଥନାରେ ଲାଗିରୁହ । ଯେପରି ଈଶ୍ୱର ତାହାର ପରିଣାମ ମଙ୍ଗଳମୟ କରନ୍ତୁ । ଶହ ଶହ ବିପଦ ରହିଛି, ଯାହା ଏହି ସାଧନଗୁଡ଼ିକୁ ମଧ୍ୟ ଛାରଖାର କରି ଦେଇପାରେ । ଅତଃ ସେଗୁଡ଼ିକୁ ମାଟିରେ ମିଶାଇ ଆମକୁ ଲକ୍ଷସ୍ଥଳରେ ପହଞ୍ଚାଅ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ସୈୟଦ ଜୈନୁଲ୍ ଆବିଦ୍ଦୀନ୍ ଶାଃ ସାହେବ ବର୍ଣ୍ଣନା କରନ୍ତି, ଯେତେବେଳେ ବି ଅଞ୍ଚଳରେ ପ୍ଲେଗ୍ ମହାମାରୀ ଦେଖା ଦେଉଥିଲା, ହୁଜୁର[ଅ.ସ] ନିଜ ଘର ସଫା କରିବାକୁ ଆଦେଶ ଦେଉଥିଲେ । ବୋର୍ଡ଼ିଂ ହାଉସ ସଫା କରାଉଥିଲେ ଓ ସମସ୍ତ ସଦସ୍ୟଙ୍କୁ ଆଦେଶ ଦେଉଥିଲେ ଯେ ନିଜ ନିଜ ଘରେ ଫିନାଇଲ୍ ବ୍ୟବହାର କରନ୍ତୁ ଓ ଧୁଆଁ ଦିଅନ୍ତୁ । ଆହୁରି କହିଲେ; ସାଧନ ଓ ଉପାୟଗୁଡ଼ିକର ବ୍ୟବହାର କରିବା ମଧ୍ୟ ଅଲ୍ଲାଃତାଲାଙ୍କ ପୁରସ୍କାର ଓ କୃପା ପାଇଁ କୃତଜ୍ଞତା ଜ୍ଞାପନ କରିବା ସଦୃଶ ଏବଂ ସାଧନଗୁଡ଼ିକୁ ତ୍ୟାଗ କରିବା ଐଶୀ ବିଧାନର ବିପରୀତ । ଆଉ ଭରସାର ସୋପାନ ତା'ପରେ ଆସିଥାଏ । ସତ୍ୟ ପରିଚୟ ହେଉଛି, ସାଧନଗୁଡ଼ିକ ପଛରେ ଅଲ୍ଲାଃତାଲାଙ୍କ ହସ୍ତକୁ ଦେଖିବା ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଈଶ୍ୱରଙ୍କ ପ୍ରିୟ ଭକ୍ତମାନଙ୍କ **ତୱକ୍କୁଲ୍**ର ବି ଅଭୁତପୂର୍ବ୍ବ । ଗୋଟିଏ ପାର୍ଶ୍ୱରେ ସେମାନେ ସାଧନଗୁଡ଼ିକର ଉପଯୋଗ କରିଥା'ନ୍ତି ଯେ ଜଣେ ସଂସାରପ୍ରେମୀ ଏହା ଚିନ୍ତା କରିଥାଏ କି ସମ୍ଭବତଃ ସେମାନଙ୍କର ପୂର୍ଣ୍ଣ ଭରସା ସାଧନ ଉପରେ ହିଁ ପର୍ଯ୍ୟବସିତ । କିନ୍ତୁ କଦାଚିତ ସେମାନେ ସେହି ସାଧନଗୁଡ଼ିକୁ ଏପରି ତ୍ୟାଗ କରିଦିଅନ୍ତି ଯେପରି ସେଗୁଡ଼ିକର ତାଙ୍କୁ ଆବଶ୍ୟକ ହିଁ ନାହିଁ । ହଜରତ ମସିହ ମଉଦ[ଅ.ସ]ଙ୍କ ଜୀବନରେ ମଧ୍ୟ **ତୱକ୍କୁଲ୍**ର ଏହି ଦୃଶ୍ୟ ଦେଖିବାକୁ ମିଳିଥାଏ । ହଜରତ ମୁସଲେହ ମଉଦ[ର.ଅ] ବର୍ଣ୍ଣନା କରନ୍ତି, ହଜରତ ମସିହ ମଉଦ[ଅ.ସ]ଙ୍କ ଦେହାନ୍ତର ଦୁଇ ତିନି ବର୍ଷ ପୂର୍ବରୁ ଯେତେବେଳେ ହଜରତ ମସିହ ମଉଦ[ଅ.ସ]ଙ୍କୁ ଭୀଷଣ କାଶ ହେଉଥିଲା ସେତେବେଳେ ମୋର ବୟସ ୧୭ବର୍ଷ ଥିଲା । ହୁଜୁର[ଅ.ସ]ଙ୍କୁ ଔଷଧ ଦେବା କାର୍ଯ୍ୟ ମୋ ଉପରେ ନ୍ୟସ୍ତ ଥିଲା । ପ୍ରଥମ ଖଲିଫାଙ୍କ ପ୍ରସ୍ତୁତ ଔଷଧ ସହିତ ଅନ୍ୟାନ୍ୟ ଔଷଧ ମଧ୍ୟ ବ୍ୟବହାର ହେଉଥିଲା, କିନ୍ତୁ ମହାଭାଗଙ୍କ କାଶ ବଢ଼ିବାରେ ଲାଗିଥିଲା । ଏହା ୧୯୦୭ମସିହାର ଘଟଣା, ଅବ୍ଦୁଲ୍ ହକିମ୍ **ମୁର୍ତଦ୍** (ଧର୍ମତ୍ୟାଗୀ) ହୁଜୁର[ଅ.ସ]ଙ୍କ କାଶ କଷ୍ଟ ବିଷୟରେ ପଢି ଲେଖିଥିଲା **ନଉଜୁବିଲ୍ଲାଃ** (ଈଶ୍ୱର ନକରନ୍ତୁ) ମିର୍ଜା ସାହେବ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବେ । ଏହି କାରଣରୁ ମୁଁ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରୁଥିଲି ଯେପରି ତାକୁ ଖୁସି ହେବାର କୌଣସି ସୁଯୋଗ ନମିଳିଯାଏ । କେତେକ ସମୟରେ ହୁଜୁର[ଅ.ସ]ଙ୍କୁ କାଶର ଏପରି ଲମ୍ବା କ୍ରମିକତାରେ ହେଉଥିଲା ଯେ ପ୍ରାଣରୁଦ୍ଧ ହୋଇଯିବା ପରି ମନେ ହେଉଥିଲା । ଏହି ସ୍ଥିତିରେ ବାହାରୁ ଜଣେ ବନ୍ଧୁ ଆସିଲେ ଓ ଉପହାର ସ୍ୱରୂପ କିଛି ଫଳ ନେଇ ଆସିଲେ । ତେବେ ମୁଁ ତାହା ମହାଭାଗଙ୍କ ସମ୍ମୁଖରେ ଉପସ୍ଥାପନ କଲି ଯେ ସେ ଏହା ନେଇ ଆସିଛନ୍ତି । ହୁଜୁର[ଅ.ସ] ଏହା ଦେଖି କହିଲେ; ତାଙ୍କୁ **ଜଜାକଲ୍ଲାଃ** କହିଦିଅ । ତା'ପରେ ତହିଁରୁ ଗୋଟିଏ କଦଳୀ ଉଠାଇଲେ ଓ ହୁଏତ ମୋତେ ଶିକ୍ଷା ଦେବା ପାଇଁ କହିଲେ; ଏହା କାଶ ହେଉଥିବା ସମୟରେ ଖାଇବା କିପରି ହୋଇଥାଏ ? ମୁଁ ଉତ୍ତର ଦେଲି, ଏହା ଭଲ ନୁହେଁ । ଏଥିରେ ହୁଜୁର[ଅ.ସ] ହିସ୍ମହାସ୍ୟ ପ୍ରକାଶ କଲେ ଓ କଦଳିଟିକୁ ଛଡାଇ ଖାଇବା

ଆରମ୍ଭ କଲେ । ମୁଁ କହିଲି; ଆପଣଙ୍କୁ ଅତି ଭୀଷଣ କାଶ ହେଉଛି, କାଶ ମସୟରେ ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ । କିନ୍ତୁ ମହାଭାଗ ତାହାକୁ ସେହିପରି ସେବନ କରୁଥିଲେ, ମୁଁ ନିଜ ଅଜ୍ଞାନତାରେ ପୁନଃ ସେହିପରି କହିଲି । ଏଥିରେ ହୁଜୁର[ଅ.ସ] କହିଲେ; **ମୋତେ ଏବେ ହିଁ ଦୈବିବାଣୀ ହୋଇଛି, ଯେ କାଶ ଦୂର ହୋଇଗଲା** । ଏହା କେବଳ ଐଶୀ ପ୍ରଭାବ ଦ୍ୱାରା ହିଁ ହେଲା । ସୁତରାଂ ସେହିକ୍ଷଣି କାଶ ଦୂର ହୋଇଗଲା ଯଦିଚ ସେତେବେଳେ କୌଣସି ଔଷଧ ବ୍ୟବହାର କରାଯାଇ ନଥିଲା, ବରଂ ରୋଗକୁ ବୃଦ୍ଧି କରାଇବା ଖାଦ୍ୟ ସେବନ କରାଯାଇଥିଲା, ତଥାପି କାଶ ଦୂର ହୋଇଗଲା । ଯଦିଓ ତାହା ପୂର୍ବରୁ ଦୀର୍ଘ ଏକ ମାସ ହେଲା ଉପଚାର ଚାଲିଥିଲା ଓ କାଶ ଦୂର ହେଉ ନଥିଲା, ତେବେ ଏହା ହିଁ ଐଶୀ ପ୍ରଭାବ । ଏମିତି ତ ଡ଼ାକ୍ତର ବାରଣ କରିଥିବା ଖାଦ୍ୟ ସେବନ କରିବା ଦ୍ୱାରା ବ୍ୟାଧିରେ ଅଭିବୃଦ୍ଧି ହୋଇଥାଏ ଓ ଉପଚାର ଦ୍ୱାରା ସ୍ୱାସ୍ଥ୍ୟ ଲାଭ ବି ହୋଇଥାଏ । କିନ୍ତୁ ପରାକ୍ରମୀ ଅଲ୍ଲାଃ ଇଚ୍ଛା କଲେ ହସ୍ତକ୍ଷେପ ମଧ୍ୟ କରିଥା'ନ୍ତି । ଦୁଆର ଅସ୍ତ୍ର ଅଲ୍ଲାଃତାଲା ଏଥି ସକାଶେ ମନୁଷ୍ୟକୁ ପ୍ରଦାନ କରିଛନ୍ତି, ଯଦ୍ୱାରା ସେ ଈଶ୍ୱରଙ୍କ ଛାମୁରେ ଆନତ ହୋଇ ଏହି ଗୁହାରୀ କରିବ ଯେ ମୁଁ ସ୍ୱାଧୀନତା ଚାହୁଁ ନାହିଁ । ମୁଁ ନିଜ ଅବସ୍ଥା ପ୍ରତି ଅତିଷ୍ଠ ହୋଇଗଲିଣି, ହେ ସର୍ବଶକ୍ତିମାନ ପ୍ରଭୁ ! ଏବେ ତୁମେ ମୋ ମାମଲାରେ ହସ୍ତକ୍ଷେପ କର, ସେତେବେଳେ ଦୟାମୟ ଅଲ୍ଲାଃ ମଧ୍ୟ ଲକ୍ଷ କରନ୍ତି ଯେ ମୋର ଭକ୍ତ **ମୁତଓ୍ୱକିଲ୍** ହୋଇଯାଇଛି । ଅତଃ ଯେତେବେଳେ ଏପରି ଭାବରେ ଈଶ୍ୱରଙ୍କ ଉପରେ ଭରସା କରାଯାଏ ସେତେବେଳେ ସେ ତାହା ମାମଲାରେ ହସ୍ତକ୍ଷେପ କରିଥା'ନ୍ତି ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହି ସନ୍ଦର୍ଭରେ ଅଧିକ କଥା **ଇନ୍ନଶାଅଲ୍ଲାଃ** ଆସନ୍ତାରେ ବର୍ଣ୍ଣନା କରିବି । ଏବେ ମୁଁ କିଛି ମୃତକଙ୍କ ଚରିତ୍ର ଚର୍ଚ୍ଚା କରିବାକୁ ଚାହୁଁଛି ଓ ତା'ପରେ ସେମାନଙ୍କ ଜନାଯାଃ ଗାଏବ୍ ବି ପାଠ କରାଇବି । ପ୍ରଥମ ମୃତକ ହେଉଛନ୍ତି, ମାନ୍ୟବର ଅତାଉର୍ ରହମାନ୍ ସାହେବ ପଶ୍ଚିମବଙ୍ଗ ନିବାସୀଙ୍କର, ଯିଏ ବିଗତ ଦିନରେ ୭୬ବର୍ଷ ବୟସରେ ଦେହତ୍ୟାଗ କଲେ । ଇନ୍ନାଲିଲ୍ଲାହି ଓ ଇନ୍ନାଇଲୈହି ରାଜେଉନ୍ । ମୃତକ ଅଲ୍ଲାଃଙ୍କ କୃପାରୁ ମୁସୀ ଥିଲେ । ଶୋକସନ୍ତପ୍ତ ପରିବାରରେ ପତ୍ନୀଙ୍କ ବ୍ୟତୀତ ଜଣେ କନ୍ୟା ଓ ତିନିଜଣ ପୁତ୍ର ସାମିଲ ଅଛନ୍ତି । ଜଣେ ପୁତ୍ର ଶ୍ରୀମାନ ମୁଫିଜୁର୍ ରହେମାନ୍ ବୋସନିଆର ପ୍ରଚାରକ ଦାୟିତ୍ୱରେ ମୁତୟନ ଅଛନ୍ତି । ଆଉ ଜଣେ ପୁତ୍ର ଶ୍ରୀମାନ ଶାଃ ନୂର ସାହେବ ଭାରତରେ ମୁଅଲ୍ଲିମ୍ ରୂପେ ସେବା କାର୍ଯ୍ୟ କରୁଛନ୍ତି । ଜଣେ ଜ୍ୱାଇଁ ଶ୍ରୀମାନ ସାବିର୍ ଅଲୀ ସାହେବ ମଧ୍ୟ ମୁବଲ୍ଲିଗ୍ ଅଟନ୍ତି । ଦ୍ୱିତୀୟ ମୃତକ ହେଲେ ସ୍ୱର୍ଗତା ଖଦୀଜାଃ ସିଦ୍ଦୀକା କୋନ୍ତୋ ସାହେବା ଇଣ୍ଡୋନେସିଆ ନିବାସୀ । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ସମସ୍ତ ମୃତକଙ୍କ ପାଇଁ କ୍ଷମା ଯାଚନା କରି ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇସ୍ୱାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

2nd October 2026

*Translated to Odia by :* Moulavi Anwar Ahmad Khan